# ଯାଜପୁର ରୋଡ୍‌ରେ ପ୍ରଥମ ସାଇବର ଥାନା ଲୋକାର୍ପିତ

ବ୍ୟାସନଗର, ୬ା୩(ସମିସ)



ଯାଜପୁର ରୋଡ୍ ଚୋରଦା ଛକରେ ଥିବା ପୁରୁଣା ଥାନା ପରିସରରେ ଶୁକ୍ରବାର ଯାଜପୁର ଜିଲ୍ଲାର ପ୍ରଥମ ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ଥାନାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ସୂଚନାଯୋଗ୍ୟ ଜିଲ୍ଲା ତଥା ରାଜ୍ୟରେ ଏବେ ସାଇବର ଅପରାଧ ବଢୁଥିବା ବେଳେ ଦୀର୍ଘ ବର୍ଷ ଧରି ବନ୍ଦ ହୋଇ ରହିଥିବା ପୁରୁଣା ଥାନା ଗୃହକୁ ନବୀକରଣ କରି ରାଜ୍ୟ ପୁଲିସ ବିଭାଗ ଜିଲ୍ଲାର ପ୍ରଥମ ସାଇବର ଥାନା ଏଠାରେ ସ୍ଥାପନ କରିଛନ୍ତି। ଶୁକ୍ରବାର ଆଭାସୀ ମାଧ୍ୟମରେ ଏହି ଥାନା ଲୋକାର୍ପଣ ଉତ୍ସବରେ ଯାଜପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ତାଙ୍କ ସହିତ ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରତିକାନ୍ତ ଗିରି, ଆର ଆଇ ଦିନେଶ କୁମାର ସାହୁ, ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର, ଯାଜପୁର ରୋଡ୍ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ, ସାଇବର ଥାନା ଅଧିକାରୀ ଇନ୍ସପେକ୍ଟର ସମରଜିତ ନାୟକ, ଦେବାଶିଷ ଶତପଥୀ, ଜ୍ୟୋତିର୍ମୟୀ ସେଠୀ, ଏସ୍‌ଆଇ ଦିପାଲିସା ନାୟକ, ବିକେ ବିଶ୍ୱାଳ, ବିରେଶ କୁମାର ସାହୁ, ଏମ୍‌କେ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ସୂଚନାଯୋଗ୍ୟ ଯେ ଏହି ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନାରେ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ, ୫ଜଣ ଇନ୍ସପେକ୍ଟର ଏବଂ ପ୍ରାୟ ୧୦ ଜଣ ସବ୍ ଇନ୍ସପେକ୍ଟର ରହିବାର ପ୍ରବିଧାନ ରହିଥିବା ବେଳେ ବର୍ତ୍ତମାନ ପ୍ରାରମ୍ଭିକ ଭାବେ ଇନ୍ସପେକ୍ଟର ସମରଜିତ ନାୟକଙ୍କ ସମେତ ଦେବାଶିଷ ଶତପଥୀ, ଜ୍ୟୋତିର୍ମୟୀ ସେଠୀ, ଏସ୍‌ଆଇ ଦିପାଲିସା ନାୟକ, ବିକେ ବିଶ୍ୱାଳ, ବିରେଶ କୁମାର ସାହୁ, ଏମ୍‌କେ ସାହୁଙ୍କ ଉପରେ ସାଇବର ଥାନାର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ତେବେ ସାଇବର ଥାନାର ଲୋକାର୍ପଣ ଉତ୍ସବର କିଛି କ୍ଷଣ ମଧ୍ୟରେ ଯାଜପୁର ସାଇବର ଥାନାକୁ ପ୍ରଥମ କେସ୍ ମିଳିଛି। କୋରେଇ ଅଞ୍ଚଳରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ମଳୟ କୁମାର

**ପ୍ରଥମ ଦିନରେ ସାଇବର ଲୁଟର ଶିକାର ହେଲେ ବରିଷ୍ଠ ସାମ୍ବାଦିକ**

ମଲ୍ଲିକଙ୍କ କ୍ରେଡିଟ କାର୍ଡ ହ୍ୟାକିଂ କରି ତାଙ୍କ ନିକଟରୁ ପ୍ରାୟ ୧ଲକ୍ଷ ୪୦ ହଜାର ଟଙ୍କା ଲୁଟ କରିଥିବା ନେଇ ଅଭିଯୋଗ ପହଞ୍ଚିବା ପରେ ଏନେଇ ଥାନାରେ ମାମଲା ରୁଜୁ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ କରାଯାଇଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି।

# ମା' ଜୟଚଣ୍ଡୀ ପ୍ରତିଭା ସମ୍ମାନ ସମାରୋହ



**ମଙ୍ଗଳପୁର, ୬ା୩(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ମା' ଜୟଚଣ୍ଡୀ ପୀଠରେ 'ଆମେ ଅଛୁ ଆପଣଙ୍କ ସାଥିରେ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ 'ମା' ଜୟଚଣ୍ଡୀ ପ୍ରତିଭା ସମ୍ମାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ବରିଷ୍ଠ ଶିକ୍ଷାବିତ ତଥା ଆଇନଜୀବୀ ବୈକୁଣ୍ଠ ନାଥ ପରିଡ଼ା ସମାରୋହକୁ ଉଦଘାଟନ କରିଥିଲେ। ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକଙ୍କ ସଞ୍ଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି ଭାବେ କମାରଡିହି ପାକ୍ସ ସଭାପତି ଭାଗିରଥି ସାହୁ, ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, ମାମିନା ମଲ୍ଲିକ, କୟାଁ ସମିତିସଭ୍ୟ ରୋଶନ ଦାସ, ଅନୁଷ୍ଠାନର ମୁଖ୍ୟ ଦେବବ୍ରତ ନାୟକ, ସହଧର୍ମିଣୀ ଚନ୍ଦ୍ର ମଲ୍ଲିକା ନାୟକ, ସମାଜସେବୀ ଆରତ ରଞ୍ଜନ ନାୟକ, ସମାଜସେବୀ ପ୍ରିୟବ୍ରତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ/ସଂଗଠନ/ଅନୁଷ୍ଠାନକୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ଡ. ହରିଶ୍ଚନ୍ଦ୍ର ପଣ୍ଡା, ସମାଜସେବୀ ଦେବେନ୍ଦ୍ର କୁମାର ପଣ୍ଡା, କୃଷକ ନେତା ତଥା ନିଶା ନିବାରଣ କମିଟିର ମୁଖ୍ୟ ମଳୟ କୁମାର ପଣ୍ଡା, ବିଜୟ କୁମାର ପରିଡ଼ା, ଶିବ ପ୍ରସାଦ ପଣ୍ଡା (ସେବା ହିଁ ଧର୍ମ) 'ଆମ ଭରସା ପରିବାର' ସ୍ୱେଚ୍ଛାସେବୀ ଅନୁଷ୍ଠାନ, କବି ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦ, କଳା ବିକାଶ କେନ୍ଦ୍ର (ମଙ୍ଗଳପୁର), ନାଟ୍ୟକାର ଦୀପକ କୁମାର ଯେନା, ଶିକ୍ଷାବିତ ମଧୁସୂଦନ ପୃଷ୍ଟି, ସୁରେଶ ଚନ୍ଦ୍ର ରାୟ, ସାମ୍ବାଦିକ ଅକ୍ଷୟ କୁମାର ଦାସ, କୃଷକବନ୍ଧୁ ଲକ୍ଷ୍ମୀକାନ୍ତ ବାରିକ, ଯୁବ କୃଷକ ସଞ୍ଜୟ କୁମାର ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ସ୍ତରକୁ ଉନ୍ନିତ ମହତାବ ଉଚ୍ଚ ବିଦ୍ୟାଳୟର ନେଟ୍‌ବଲ ଖେଳାଳି କ୍ରିଷ୍ଟା ଦାସ ଓ ଚିନ୍ମୟ ଦାସଙ୍କୁ ମା' ଜୟଚଣ୍ଡୀ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନର ବିଜେତା ସତ୍ୟଜିତ, ଦ୍ୱିତୀୟ ସ୍ଥାନ ମାମାଲି ପାତ୍ର ଓ ତୃତୀୟ ସ୍ଥାନର ସୋନାଲିସା ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି (ସେବା ହିଁ ଧର୍ମ) ଆମ ଭରସା ପରିବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ 'ଆମେ ଅଛୁ ଆପଣଙ୍କ ସାଥିରେ' ଅନୁଷ୍ଠାନର ମୁଖ୍ୟ ଦେବବ୍ରତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଆଲୋକ କୁମାର ପଣ୍ଡା, ଜଗନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବାଲିଚନ୍ଦ୍ରପୁର ଜଗନ୍ନାଥ ହାଟ ମେଳଣ ଉଦ୍‌ଯାପିତ

**ବାଲିଚନ୍ଦ୍ରପୁର, ୬ା୩(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଜଗନ୍ନାଥ ହାଟ ମେଳଣ ଆଜି ଭୋର ସମୟରୁ ଆରମ୍ଭ କରାଯାଇ ଦିନ ୧୨ ଟାରେ ଉଦ୍‌ଯାପିତ ହୋଇଯାଇଛି। ଆଜିର ଏହି ମେଳଣରେ ଥାନପତି ବିମାନ ଭାବେ ବାଲିଚନ୍ଦ୍ରପୁର ଗ୍ରାମର ରାଧାମୋହନଜିଉ ପ୍ରଥମେ ମେଳଣ ସ୍ଥଳରେ ଉପବେଶନ କରିଥିଲେ। ପରେ ପରେ ମାଣିତ୍ରୀ, ରୁକୁଟିପାଟ, ନାନପୁରପଟଣା, ପତରାଜପୁର, ବିଲିପଡ଼ା, ରାହାଣିଆ, ମୋଗଲପାଟଣା, ଜିରା, ଅକରପଡ଼ା, କୃଷ୍ଣଦାସପୁର, ଗୁଣୁପୁର ଓ ମାଟିପାରିଲୋ ଆଦି ବିଭିନ୍ନ ସ୍ଥାନରୁ ୨୨ଟି ବିମାନ ବାଜା ବାଣ ଓ ନାମ ସଂକୀର୍ତ୍ତନ ସହିତ ଏକ ଶୋଭାଯାତ୍ରାରେ ଆସି ମେଳଣ ସ୍ଥଳ ସ୍ଥିତ ନିଜ ନିଜ ଆସନରେ ଉପବେଶନ କରିଥିଲେ। ପରେ ପରେ ଏଠାରେ ସମସ୍ତ ବିମାନରେ ବିରାଜମାନ ରାଧାକୃଷ୍ଣଙ୍କୁ ମେଳଣ କମିଟି ପକ୍ଷରୁ ଭୋଗ ଲାଗି କରାଯାଇଥିଲା। ମେଳଣ କମିଟି ସଭାପତି ପ୍ରତାପ ଚନ୍ଦ୍ର ପରିଡ଼ା, ସମ୍ପାଦକ ସଂଗ୍ରାମ କେଶରୀ ପରିଡ଼ା, ଧୀରେନ୍ଦ୍ର କୁମାର ଚୌଧୁରୀ, ବଟକୃଷ୍ଣ ସାହୁ, ପ୍ରଫୁଲ୍ଲ କୁମାର ପରିଡ଼ା, ନାରାୟଣ ଚନ୍ଦ୍ର ପଣ୍ଡା, ପ୍ରକାଶ ଚନ୍ଦ୍ର ସାମଲ, ସଞ୍ଜୟ କୁମାର ସାହୁ, ବିଜୟ କୁମାର ପରିଡ଼ା ଓ ଗୌରାଙ୍ଗ ଚରଣ ସାହୁଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ବଜାରର ବ୍ୟବସାୟୀଙ୍କ ସହଯୋଗରେ ଆଜିର ଏହି ମେଳଣ ଉତ୍ସବ ସମାପିତ ହୋଇଥିଲା। ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ସୂଚନା ମୁତାବକ ଏହି ଜଗନ୍ନାଥ ହାଟ ମେଳଣ ଏଠାରେ ଶହେ ବର୍ଷ ପୂର୍ବରୁ ଅନୁଷ୍ଠିତ ହୋଇଆସୁଛି।

# ଶେଷ ହେଲା ମଙ୍ଗଳପୁର ମେଳଣ



**ମଙ୍ଗଳପୁର, ୬ା୩(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ବଜାର ହାଟପଡ଼ିଆରେ ଶୁକ୍ରବାର ରାତିରେ ମଙ୍ଗଳପୁର ଗୋପିନାଥଜିଉ ମେଳଣ କମିଟି ଆନୁକୂଲ୍ୟରେ ମେଳଣ ଅନୁଷ୍ଠିତ ହୋଇଯାଇଛି। ମେଳଣ ପଡ଼ିଆରେ ପ୍ରଥମେ ମଙ୍ଗଳପୁର ଗ୍ରାମ ମହାପାତ୍ର ସାହିର ଗୋପିନାଥ ଜିଉ ମହାପ୍ରଭୁ ବିଜେ କରି ଥାନପତି ରୂପେ ଅଧିଷ୍ଠିତ ହୋଇଥିଲେ। ଏହି ମେଳଣରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ବିମାନ ଗୁଡିକ ଶୋଭାଯାତ୍ରାରେ ଆସି ମେଳଣରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥ ସାଇ କୃପା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଏହି ମେଳଣ ୧୭ ବର୍ଷରେ ପହଞ୍ଚିଛି। ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଯାଜପୁର ମ୍ୟୁନସିପାଲିଟି ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ ପ୍ରମୁଖ ପ୍ରମୁଖ ବ୍ୟକ୍ତି ମାନେ ମେଳଣରେ ଯୋଗ ଦେଇ ଆଶିଷ ନେଇଥିବା ବେଳେ ମଙ୍ଗଳପୁର ଥାନାର ଆଇଆଇସି ରଞ୍ଜନ କୁମାର ବେହେରା ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦିଗରେ ସହଯୋଗ କରିଥିଲେ। ରାତି ପ୍ରାୟ ୨ଟା ସମୟରେ ଭୋଗ ଲାଗିବା ପରେ ମେଳଣ ଭାଙ୍ଗିଥିଲା।

# ସମସ୍ୟାରେ ବଣିଆସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ




**କୟାଁଗୋଲା, ୬ା୩(ସମିସ):** ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ବଣିଆସାହି ପ୍ରାଥମିକ ବିଦ୍ୟାଳୟ ନାନା ସମସ୍ୟାରେ ଜର୍ଜରିତ। ଏହି ବିଦ୍ୟାଳୟରେ ଶିଶୁବାଟିକା ଠାରୁ ଆରମ୍ଭ କରି ପଞ୍ଚମ ଯାଏଁ ରହିଥିବା ବେଳେ ସେଠାରେ ୪୪ ଜଣ ଛାତ୍ରଛାତ୍ରୀ ସହ ୨ ଶିକ୍ଷକଙ୍କ ଶିକ୍ଷାଦାନ ନେଇ ଚାଲିଛି ବିଦ୍ୟାଳୟ। ୨ ଶିକ୍ଷକଙ୍କ ମଧ୍ୟରୁ ଜଣେ ଭିନ୍ନକ୍ଷମ ଏବଂ ଆଉ ଜଣେ ମହିଳା ଶିକ୍ଷୟିତ୍ରୀ। ତେଣୁ ୨ ଶ୍ରେଣୀରେ ବସାଇ ପିଲାଙ୍କୁ ଶିକ୍ଷାଦାନ କରିବା ସମସ୍ୟା ଉପୁଜୁଥିବାରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ପାଚେରି ନଥିବାରୁ ବୁଲା ଗାଇଗୋରୁ, ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବିଦ୍ୟାଳୟ। ମହିଳା ଶିକ୍ଷୟିତ୍ରୀ ଥାଇ ମଧ୍ୟ ଛାତ୍ରଛାତ୍ରୀ କିମ୍ବା ଶିକ୍ଷୟିତ୍ରୀଙ୍କ ପାଇଁ ପରିସ୍ରାଗାର ନାହିଁ। ଏମିତି କି ରୋଷେଇ ଘର ନଥିବାରୁ ପିଲା ପାଠ ପଢୁଥିବା ଯାଗାରେ ମଧ୍ୟାହ୍ନ ଭୋଜନ ରୋଷେଇ ହୁଏ। ତେଣୁ ଏଭଳି ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୋନୁ କମଳ କହିଛନ୍ତି।

# ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ବିଦ୍ୟାଳୟ ହେଲା ରୂପାନ୍ତର




**କୁଆଖିଆ, ୬ା୩(ସମିସ):** ଗ୍ରାମାଞ୍ଚଳରେ ଉନ୍ନତମାନର ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ବିଭିନ୍ନ ବିଦ୍ୟାଳୟର ଉନ୍ନତିକରଣ କରାଯାଉଛି। କିନ୍ତୁ ପ୍ରଶାସନର ଅବହେଳା ଯୋଗୁଁ ଏପରି ଅନେକ ବିଦ୍ୟାଳୟର ପରିସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଏଭଳି ସ୍ଥଳେ ସରକାରଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି ଲାଭ ନ ମିଳିବାରୁ ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ନିଜ ଗାଁ ବିଦ୍ୟାଳୟର ରୂପାନ୍ତର ସମ୍ଭବ ହୋଇପାରିଛି। ରସୁଲପୁର ବ୍ଲକ ନରସିଂହପୁର ପଞ୍ଚାୟତ ସାନଗୋବିନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟଟି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥିଲା। ଏହି ବିଦ୍ୟାଳୟର ପୁରାତନ ଛାତ୍ର ଧର୍ମେନ୍ଦ୍ର କର ସୁଦୂର ମୁମ୍ବାଇରେ ରହି ନିଜର ସମାଜସେବା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତେଣୁ ନିଜ ଅଞ୍ଚଳ ବିଦ୍ୟାଳୟର ଉନ୍ନତିକରଣ ପାଇଁ ନିଜ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଆଇଏସ୍‌ଆର୍ ଫାଉଣ୍ଡେସନ ମାଧ୍ୟମରେ ଉଦ୍ୟମ ଆରମ୍ଭ କରିଥିଲେ। ବିଦ୍ୟାଳୟରେ ବ୍ୟାପକ ଚାରା ରୋପଣ ଠାରୁ ଆରମ୍ଭ କରି ସଫେଇ କରାଯାଇଥିଲା। କିନ୍ତୁ ଏହାର ଭିତ୍ତିଭୂମିର ବିକାଶ ପାଇଁ ଏସବିଆଇର ସହଯୋଗ ଲୋଡାଯାଇଥିଲା। ଏହିକ୍ରମରେ ଏସବିଆଇ ପକ୍ଷରୁ ଉକ୍ତ ବିଦ୍ୟାଳୟରେ ଉନ୍ନତ ମାନର ଶ୍ରେଣୀକକ୍ଷ, ରୋଷେଇ ଘର, ଶୌଚାଳୟ, ବାଉଣ୍ଡାରି ୱାଲ କରାଯାଇଛି। ସେହିପରି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ନୂତନ ପ୍ରାଚୀର ଏବଂ ଲୁହା ଗେଟ୍ ସ୍ଥାପନ କରାଯାଇଛି। ପରିଷ୍କାର ପାନୀୟ ଜଳ ସୁବିଧା ସହିତ ପାଇପଲାଇନ ସଂଯୋଗ ଏବଂ ବୋରୱେଲ୍ ରିଚାର୍ଜ ବ୍ୟବସ୍ଥା କରାଯାଇ ଜଳ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏତଦ ବ୍ୟତୀତ ବଗିଚା କାର୍ଯ୍ୟ କରିବା ସାମଗ୍ରୀ, ଟିଭି, ସାଉଣ୍ଡ ସିଷ୍ଟମ, ବ୍ଲାକ ବୋର୍ଡ, ଶିକ୍ଷା ସାମଗ୍ରୀ ମଧ୍ୟ ଯୋଗାଇ ଦିଆଯାଇଛି। ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକ କମଳ ଲୋଚନ ଷଡ଼ଙ୍ଗୀ ଆଇଏସ୍‌ଆର୍ ଫାଉଣ୍ଡେସର ପଦକ୍ଷେପକୁ ପ୍ରଶଂସା କରିବା ସହିତ ଏସବିଆଇ କୁଆଖିଆ ଶାଖାର ପ୍ରବନ୍ଧକ ଲକ୍ଷ୍ମୀଧର ସ୍ୱାଇଁ ଏଭଳି ଉନ୍ନତ ମାନର ଭିତ୍ତିଭୂମି ଛାତ୍ରଛାତ୍ରୀଙ୍କ ପାଇଁ ବେଶ ଲାଭ ଦାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

# ମୃତ ଦୁଇ ଯୁବକଙ୍କ ଉଦ୍ଦେଶ୍ୟରେ ଶୋଭାଯାତ୍ରା



**ବରୀ, ୬ା୩(ସମିସ):** ବରୀ ବ୍ଲକ ଅନ୍ତର୍ଗତ ଯଅଁପଡ଼ା ଗ୍ରାମର ମଧୁସୂଦନ ବେଉରିଆଙ୍କ ପୁଅ ହିରଣ୍ୟ କୁମାର ବେଉରିଆ ଗୁରୁବାର ନଦୀରେ ବୁଡ଼ି ମୃତ୍ୟୁବରଣ କରିଥିବା ଏବଂ ସେହି ଗ୍ରାମର ପ୍ରମୋଦ କୁମାର ସେଠୀ ନାମକ ଅନ୍ୟ ଜଣେ ଯୁବକଙ୍କର ଟାଟା କମ୍ପାନରେ କାର୍ଯ୍ୟରତ ଅବସ୍ଥାରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଉଭୟ ଅମର ଆତ୍ମାର ସଦଗତି ଉଦ୍ଦେଶ୍ୟରେ ସମାଜସେବୀ ଶୁଭ୍ର ଜେନାଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସହିତ ଦୁଇ ମିନିଟ ନୀରବ ପ୍ରାଥନା କରାଯାଇଥିଲା। ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ଶତାଧିକ ଲୋକ ଯୋଗଦେଇ ଯଅଁପଡ଼ା ସ୍ଥିତ ମାଉସୀ ମା'ମନ୍ଦିର ପୀଠରୁ ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରି ମୃତ ଯୁବକଙ୍କ ପରିବାର ନିକଟରେ ପହଞ୍ଚି ସାନ୍ତ୍ୱନା ଦେଇଥିଲେ। ପରିକ୍ରମା ଶେଷରେ ଗ୍ରାମ ଦେବତିଙ୍କ ମନ୍ଦିର ଠାରେ ପ୍ରାଣ ହରାଇଥିବା ଦୁଇ ଯୁବକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରଯାଇଥିଲା। ଆଜିର କ୍ୟାଣ୍ଡେଲ ଶୋଭାଯାତ୍ରାରେ ଶୁଭ୍ର ଜେନାଙ୍କ ସହିତ ବିଜୟ ନାୟକ, ସୁବାସ ନାୟକ, ଅବିନାଶ ଦାଶ, ଜଗବନ୍ଧୁ, ରତ୍ନାକର, ଧୁନାଦାସ, ରମେଶ ପ୍ରମୁଖ ଯୋଗ ଦେଇଥିଲେ।

# ହନୁମାନ ମନ୍ଦିରରୁ ଅଳଙ୍କାର ଲୁଟ୍

**ଯାଜପୁର, ୬।୩(ସମିସ):** ଯାଜପୁର ଥାନା ବିଚିତ୍ରପୁର ପଞ୍ଚାୟତ ବୈଦ୍ୟରାଜପୁର ଗ୍ରାମରେ ଥିବା ହନୁମାନ ମନ୍ଦିରରୁ ବିଭିନ୍ନ ଅଳଙ୍କାର ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଆଜି ଏ ନେଇ ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ ମନ୍ଦିରରୁ ରୁପା ମୁକୁଟ ଗଜରା ସମେତ ୩ କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ଲୁଟ କରାଯାଇଛି। ଲୁଟ ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ଏହାକୁ ଦେଖି ପୁଲିସ ତଦନ୍ତ ଆରମ୍ଭ କରିଛି। ଏହି ଚୋରି ସନ୍ଦେହରେ ଗ୍ରାମବାସୀ ଚୋର ଏବଂ ଅଳଙ୍କାର କିଣିଥିବା ବ୍ୟବସାୟୀକୁ ଅଟକ ରଖି ପୁଲିସରେ ଜିମା ଦେଇଛନ୍ତି।

# ଟେଟ୍ରାପ୍ୟାକ୍ ମଦ ବିରୋଧରେ ପ୍ରତିବାଦ ସଭା

**ଯାଜପୁର, ୬ା୩(ସମିସ):** ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ସରକାରଙ୍କ ଟେଟ୍ରାପ୍ୟାକ୍ ମଦ ଯୋଗାଇ ଦେବା ନିଷ୍ପତ୍ତି ବିରୋଧରେ ତଥା ମହିଳା ଓ ଶିଶୁମାନଙ୍କ ନିରାପତ୍ତା ଦାବିରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାନେତ୍ରୀ ସୁଲୋଚନା ପ୍ରଧାନଙ୍କ ନେତୃତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଟେଟ୍ରା ପ୍ୟାକ୍ ମଦର ପ୍ରଚଳନ କରିବା ବୋଲି ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ନିର୍ବାଚନ ବେଳେ ସମ୍ପୂର୍ଣ୍ଣ ମଦ ମୁକ୍ତ ଓଡ଼ିଶା କରିବା ପାଇଁ ଯେଉଁ ସ୍ଲୋଗାନ ଦେଉଥିଲେ ତାହା ପ୍ରତାରଣା ଥିଲା ବୋଲି ସଭାନେତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ମଦ ମାଦକ ଦ୍ରବ୍ୟକୁ ଅଶ୍ଳୀଳତା, ଅପସଂସ୍କୃତିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଟେଟ୍ରେପ୍ୟାକ୍ ମଦ ବନ୍ଦ କରିବା ସହିତ ଛାତ୍ରୀ ଓ ଶିଶୁ ମହିମଳାମାନଙ୍କୁ ନିରାପତ୍ତା ଯୋଗାଇ ଦେବା ପାଇଁ ବକ୍ତାମାନେ ଦାବୀ କରିଥିଲେ। ଏହି ମର୍ମରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ସଂଯୁକ୍ତା କର, ରାଜଶ୍ରୀ ମହାନ୍ତି, ଲିଲି ମହାନ୍ତି, ମାଧବୀ ମଲ୍ଲିକ, ମମତା ସେଠୀ, ଶର୍ମିଷ୍ଠା ସେଠୀ, ପ୍ରତିମା ମଲ୍ଲିକ ଉକ୍ତ ସଭାରେ ବକ୍ତବ୍ୟ ରଖିଥିଲେ।

# ନବ ନିର୍ମାଣ କୃଷକ ସଂଗଠନ ବୈଠକ

**ଯାଜପୁର, ୬ା୩(ସମିସ):** ଯାଜପୁର ସହରର କୁଆଁସରପୁରସ୍ଥିତ ଉତ୍କଳ ମଣ୍ଡପରେ ଆଜି ନବନିର୍ମାଣ କୃଷକ ସଂଗଠନର ଯାଜପୁର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ଡାକରା ଅନୁଯାୟୀ, ଆସନ୍ତା ୨୨ ତାରିଖରୁ କେନ୍ଦୁଝର ଠାରୁ ଆରମ୍ଭ ହେବାକୁ ଥିବା ବିଶାଳ ଚାଷୀ ପଦଯାତ୍ରାରେ ଯାଜପୁର ଜିଲ୍ଲା ସଙ୍ଗଠନର ସମ୍ପୃକ୍ତି ବ୍ୟାପକ କରାଯିବା ନେଇ ସ୍ଥିର କରାଯାଇଛି। ଚଳିତ ବର୍ଷ ଯାଜପୁର ଜିଲ୍ଲା ତମାମ ପ୍ରତ୍ୟେକ ଧାନମଣ୍ଡିରେ ଧାନର ଅଭାବୀ ବିକ୍ରି, ମିଲରମାନଙ୍କ ବେଆଇନ କଟନୀ ଛଟନୀ, ଟୋକାନ ଲାପ୍ସ, ଭାଗଚାଷୀଙ୍କୁ ହତାଦର ଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ସଂଗଠନ ଜନମତ ଜରିଆରେ କଡ଼ା ଜବାବ ଦେବ ବୋଲି ନିଷ୍ପତ୍ତି ନିଆଯାଇଛି। ଅନ୍ୟପଟେ ଜିଲ୍ଲାରେ ସାଂଗଠନିକ କାର୍ଯ୍ୟକ୍ରମ ଆଗେଇ ନିଆଯିବାକୁ ସ୍ଥିର କରାଯାଇଛି। ଆଜିର ଏହି ବୈଠକରେ ପ୍ରତାପ ଦାସ, ମାଧବାନନ୍ଦ ଶାନ୍ତି, ଚୌଧୁରୀ ଜେନା, ପ୍ରଦୀପ୍ତ ମହାପାତ୍ର, ଧନଞ୍ଜୟ ବିଶ୍ୱାଳ, ରାଜକିଶୋର ଘଡାଇ, ବଲ୍ଲଭ ଜେନା, ଅମୀୟ ବେଉରିଆ, ହରିଷ ଦଳେଇ, ମନ୍ମଥ ଦେଓ, ରଙ୍ଗାଧର ଦାସ, ଶ୍ରୀଧର ମହଲ ପ୍ରମୁଖ ଯୋଗ ଦେଇଥିବା ବେଳେ ମହେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ ପ୍ରସଙ୍ଗ ଉପରେ ଏକ ସାମ୍ବାଦିକ ସମ୍ମିଳନୀ କରି ସମସ୍ତ ପ୍ରସଙ୍ଗକୁ ପୁନଃସ୍ଥାପିତ କରାଯାଇଥିଲା।

**ବ୍ୟାସନଗର ଇନ୍‌ଡୋର ଷ୍ଟାଡିୟମରେ ପ୍ରଶିକ୍ଷିକାଙ୍କ ଦବଙ୍ଗଗିରି**

# ପ୍ରଶିକ୍ଷାର୍ଥୀଙ୍କୁ ଅଶାଳୀନ ଭାଷା ଓ କଦର୍ଯ୍ୟ ବ୍ୟବହାର

ବ୍ୟାସନଗର, ୬ା୩(ସମିସ)



ବ୍ୟାସନଗର ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଭାରତୋଳନ ପ୍ରଶିକ୍ଷିକା ନୀରଜା ମହାପାତ୍ରଙ୍କ ଦ୍ୱାରା ନାବାଳିକା ତଥା ନାବାଳକ କ୍ରୀଡ଼ା ପ୍ରଶିକ୍ଷାର୍ଥୀମାନଙ୍କୁ ଦୁର୍ବ୍ୟବହାର ନେଇ ଥାନାରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ ବ୍ୟାସନଗର ଠାରେ ରହିଥିବା ମଲ୍ଟି ପର୍ପୋଜ ଇନଡୋର ଷ୍ଟାଡିୟମରେ ଭାରୋତ୍ତୋଳନ ପ୍ରଶିକ୍ଷକା ଭାବେ କାର୍ଯ୍ୟରତ ଥିବା ନୀରଜା ମହାପାତ୍ରଙ୍କ ନାମରେ କିଛି ପ୍ରଶିକ୍ଷାର୍ଥୀ ଅଭଦ୍ରୋଚିତ ବ୍ୟବହାର ଏବଂ ଅସଭ୍ୟ ଭାଷା ପ୍ରୟୋଗ କରୁଥିବା ନେଇ ଗତ କିଛି ଦିନ ତଳେ ଏଠାକୁ ପରିଦର୍ଶନ ନିମନ୍ତେ ଆସିଥିବା ହାଇକୋର୍ଟ ଜଜ୍‌ଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଏଭଳି ଖବର ପରେ ସମ୍ପୃକ୍ତ ଜଜ୍‌ଙ୍କ ସହିତ ସେଠାରେ ଉପସ୍ଥିତ ଥିବା କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ସ୍ତବ୍ଧ ହେବା ସହିତ ଏନେଇ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁଙ୍କ ସହିତ ଆଲୋଚନା କରିଥିଲେ। ତେବେ ସମ୍ପୃକ୍ତ ଜଜ୍ ସେଠାରୁ ପରିଦର୍ଶନ କରି ଯିବା ପରେ ଏଡିଏମ୍ ଶ୍ରୀଯୁକ୍ତ ନନ୍ଦ ଏବଂ କ୍ରୀଡ଼ା ଅଧିକାରୀ ସମ୍ପୃକ୍ତ ପିଲାମାନଙ୍କୁ ଡାକି ଘଟଣା ସମ୍ପର୍କରେ ଅବଗତ ହେବା ସହିତ ଏନେଇ ତଦନ୍ତ ଚାଲିଥିବା ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ କହିଛନ୍ତି। ତେବେ ପ୍ରଶିକ୍ଷାର୍ଥୀଙ୍କ ଅଭିଯୋଗ ମୁତାବକ ପ୍ରଶିକ୍ଷିକା ଶ୍ରୀମତୀ ମହାପାତ୍ର ପିଲାଙ୍କ ଦ୍ୱାରା ନିଜ ଘର କାମ କରାଇବା, ପିଲାଙ୍କ ପଇସାରେ ଔଷଧ ଓ ତେଜରାତି ସମାଗ୍ରୀ କ୍ରୟ କରିବା, ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିବା ପାଇଁ ପଇସା ନେବା ଇତ୍ୟାଦି କାର୍ଯ୍ୟ କରାଉଥିଲେ। ଏପରିକି ପିଲାମାନଙ୍କୁ ଅତି ଅଶାଳୀନ ଭାଷାରେ ଗାଳିଗୁଲଜ କରିବା, ପିଲାମାନଙ୍କୁ ଯୌନକ୍ରିୟା ସମ୍ବନ୍ଧୀୟ ଭାଷା କହି ଆକ୍ଷେପ କରିବା, ପିଲାଙ୍କୁ ଲଗାଇ ଘସା ମୋଡ଼ା କରିବା ଇତ୍ୟାଦି ଯୋଗୁଁ ପିଲାମାନେ ନିଜ ନିଜ ଅଭିଭାବକମାନଙ୍କ ସହ ଥାନାରେ ଅଭିଯୋଗ ଦାଖଲ କରିଛନ୍ତି। ଏ ବାବଦରେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁଙ୍କୁ ଅଭିଯୋଗ କଲା ପରେ ସେ ଉକ୍ତ ପ୍ରଶିକ୍ଷିକାଙ୍କୁ ଘଣ୍ଟ ଘୋଡ଼ାଇବା ସହିତ ପିଲାମାନଙ୍କୁ ଧମକାଇବାର ଅଭିଯୋଗ ପ୍ରଶିକ୍ଷାର୍ଥୀମାନେ କରିଛନ୍ତି। ତେବେ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଥିବା ସିସିଟିଭି କ୍ୟାମେରା ଦୀର୍ଘଦିନ ହେବ ଅକାମୀ ହୋଇ ପଡ଼ିରହିଛି ଏବଂ ଏନେଇ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ସଜଡ଼ା ଯାଉନାହିଁ। କ୍ୟାମେରା ଆଢୁଆଳରେ ବହୁତ ପ୍ରକାର ଅନୈତିକ କାର୍ଯ୍ୟ ଇଣ୍ଡୋର୍ ଷ୍ଟାଡିୟମ୍ ଭିତରେ ହେଉଥିବାର ଅଭିଯୋଗ ହେଉଛି।

ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତିବିଶେଷ ଇଣ୍ଡୋର୍ ଷ୍ଟାଡିୟମ୍ ଭିତରେ ନିୟମିତ ଜନ୍ମଦିବସ, ଭୋଜିଭାତ ଇତ୍ୟାଦି କରୁଥିବାର ଅଭିଯୋଗ ହେଉଛି। ଭିତରର ପରିବେଶ ଅତ୍ୟନ୍ତ ଆବର୍ଜନାମୟ ରହିଥିବା ବେଳେ ଜିମ୍ ଭିତରୁ ଅଧିକାଂଶ ସମାଗ୍ରୀ ଚୋରି ହୋଇଯାଉଥିଲେ ମଧ୍ୟ ତା' ପ୍ରତି କାହାର ନଜର ନଥିବାର ଅଭିଯୋଗ ହେଉଛି। ଇଣ୍ଡୋର ଷ୍ଟାଡିୟମର ସମସ୍ତ କର୍ମକର୍ତ୍ତା ଆଉଟ ସୋର୍ସିଂରେ ଥିବାରୁ ସେମାନେ ସରକାରୀ କର୍ମଚାରୀଙ୍କ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ ହେଉଥିବାର ଅଭିଯୋଗ ହେଉଛି। ତେବେ ଏସବୁ ଅଭିଯୋଗ ନେଇ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁଙ୍କ ମତାମତ ନେବାରୁ ସେ ଏପରି ଅଭିଯୋଗକୁ ସତ୍ୟ ବୋଲି କହିବା ସହିତ ସିସିଟିଭି ଅଚଳ କଥାକୁ ମଧ୍ୟ ମାନିଛନ୍ତି। ତେବେ ସିସିଟିଭି ପୋଡ଼ି ଯାଇଥିବା ବେଳେ ଏହାକୁ ବଦଳାଇବା ନିମନ୍ତେ ସରକାରଙ୍କୁ ଜଣାଯାଇଛି। ତେବେ ଏଭଳି ଅଭିଯୋଗକୁ ସେ ସମ୍ପୂର୍ଣ୍ଣ ଖଣ୍ଡନ କରିନ ଥିଲେ ମଧ୍ୟ ସେ ପ୍ରତ୍ୟେକ ଦିନ ଏଠାକୁ ଆସୁଥିବା ବେଳେ ତାଙ୍କୁ ଘଟଣା ସମ୍ପର୍କରେ କେବେ ପ୍ରଶିକ୍ଷାର୍ଥୀମାନେ ସୂଚନା ଦେଇନଥିବା କହିବା ସହିତ ଏନେଇ ତଦନ୍ତ ଚାଲିଛି ନିଜେ ଏଡିଏମ୍ ଏହାକୁ ଗୁରୁତର ସହିତ ନେଇଛନ୍ତି। ଯଦି ସମ୍ପୃକ୍ତ ପ୍ରଶିକ୍ଷିକା ଦୋଷୀ ବୋଲି ସାବ୍ୟସ୍ତ ହୁଅନ୍ତି ତେବେ ଆମେ ସରକାରଙ୍କୁ ତାଙ୍କୁ ଏଠାରୁ ବଦଳି କରିବାକୁ ନିବେଦନ କରିବୁ ବୋଲି ଶ୍ରୀଯୁକ୍ତ ଟୁଡୁ ସୂଚନା ଦେଇଛନ୍ତି।

## ଥାନାକୁ ଟ୍ରାଇ ସାଇକଲ ପ୍ରଦାନ



ବାରିକପୁର, ୬।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉମିଦ ଫାଉଣ୍ଡେସନ ବିଭିନ୍ନ ସମୟରେ ନୂଆ ନୂଆ ଜନସେବା କାର୍ଯ୍ୟକ୍ରମ ହାତକୁ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଆଜି ସଂଗଠନ ପକ୍ଷରୁ ଥାନାକୁ ଏକ ଟ୍ରାଇସାଇକଲ ପ୍ରଦାନ କରାଯାଇଛି। ବିଭିନ୍ନ କାର୍ଯ୍ୟରେ ଥାନାକୁ ଆସୁଥିବା ଭିନ୍ନକ୍ଷମ ଭାଇଭଉଣୀଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ହୋଇପାରିବ। ଉମିଦ ଫାଉଣ୍ଡେସନ ସଭାପତି ଅକ୍ଷୟ ସାହୁ, ସମ୍ପାଦକ ରାଜେଶ କୁମାର ବାରିକ, କୋଷାଧ୍ୟକ୍ଷ ପ୍ରଣୟ ସାମଲ, ବରିଷ୍ଠ ସଦସ୍ୟ ବିରଞ୍ଚି ନାରାୟଣ ବେହେରା, ଆକାଶ ଆଦିତ୍ୟ ବେହେରା ପ୍ରମୁଖ ଥାନାରେ ପହଞ୍ଚି ଏହି ଯାନଟିକୁ ପ୍ରଦାନ କରିଛନ୍ତି। ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ଫାଉଣ୍ଡେସନର ଏଭଳି କାର୍ଯ୍ୟକୁ ସାଧୁବାଦ ଜଣାଇଛନ୍ତି।

## ଜୁନିୟର ରେଡ୍‌କ୍ରସ ତାଲିମ ଶିବିର



ଭଦ୍ରକ, ୬।୩(ସମିସ): ପିଏମଶ୍ରୀ ଜିଲ୍ଲା ସ୍କୁଲ, ଭଦ୍ରକ ପରିସରରେ ଓଡିଶା ରାଜ୍ୟ ଜୁନିୟର ରେଡ୍‌କ୍ରସ ସହାୟତାରେ ଓ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନେର ଜିଲ୍ଲାର ୬୦ ଜଣ ଅଣତାଲିମପ୍ରାପ୍ତ ପରାମର୍ଶଦାତା ଓ ପରାମର୍ଶଦାତ୍ରୀଙ୍କ ଜୁନିୟର ରେଡ୍‌କ୍ରସ ତାଲିମ ଶିବିର ୫ରୁ ୭ତାରିଖ ୩ ଦିନ ପାଇଁ ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରକୁ ଜିଲ୍ଲା ଶିକ୍ଷାଧିକାରୀ ଡ.ଜଗବନ୍ଧୁ ସାହୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ତଥା ବନ୍ଧଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ତାଙ୍କୁ ସହଯୋଗ କରିଛନ୍ତି ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ସଙ୍ଗଠନ ସମ୍ପାଦିକା ପାନାମଣି ବେସ୍ରା, ଯୁଗ୍ମ ସମ୍ପାଦକ ତଥା କ୍ଷେତ୍ରବାସୀ ହାଇସ୍କୁଲ ପ୍ରଧାନଶିକ୍ଷକ ଭୀମଚରଣ ପରିଡା ଓ ଚଣ୍ଡିଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ ଉମେଶଚନ୍ଦ୍ର ମାଝୀ। ରାଜ୍ୟ ଜୁନିୟର ରେଡକ୍ରସ୍ ସାଧନକର୍ମୀ ବାମନଚନ୍ଦ୍ର ମହାନ୍ତି, ବୋଲଣ୍ଡର ଉମାକାନ୍ତ ବେହେରା, ପୂର୍ବତନ ଜେଆରସି. ସମ୍ପାଦକ ତଥା ଏନ.ସି. ହାଇସ୍କୁଲ ସେବାନିବୃତ ପ୍ରଧାନଶିକ୍ଷକ ସୋମନାଥ ନାୟକ ଯୋଗଦାନ କରିଥିଲେ। ରୁବିନା ଖାତୁନ ଓ ସୁଶାନ୍ତ ବିଶ୍ୱାଳ ପ୍ରାଥମିକ ଉପଚାର ସମ୍ପକର୍ରେ ତାଲିମ ପ୍ରଦାନ କରିଥିଲେ।

## କୋଠାର ପଞ୍ଚାୟତରେ ନାଳ ଓ ପୋଲ ନିର୍ମାଣ ନିମ୍ନମାନର ଅଭିଯୋଗ





ଅସୁରାଳି, ୬।୩(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ କୋଠାର ପଞ୍ଚାୟତର କୋଠାର ଗ୍ରାମ ନିକଟରେ ବାଲି ଚତ୍ରି–ଜନାଡିହ ନାଳରେ ପୋଲ ନିର୍ମାଣ ଓ ନାଳ ଉନ୍ନତିକରଣ ପାଇଁ ୪୬ ଲକ୍ଷ ଟଙ୍କାର କାମ ଆରମ୍ଭ ହୋଇଛି। ଏହି କାମକୁ ନେଇ ସ୍ଥାନୀୟଲୋକ ପ୍ରଶ୍ନ ଉଠାଇଛନ୍ତି। ପ୍ରଥମତଃ, କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ନଥିବାରୁ ଲୋକମାନେ କାମର ବିବରଣୀ, ଅନୁମୋଦିତ ଖର୍ଚ୍ଚ, ଠିକାଦାରଙ୍କ ନାମ, ଯନ୍ତ୍ରୀଙ୍କ ଦାୟିତ୍ୱ ଆଦି ସମ୍ପର୍କରେ ଅଜଣା ରହିଛନ୍ତି। ଏହାକୁ "ଲୋକଙ୍କ ଅଜାଣତରେ ହରିଲୁଟ' ବୋଲି ଆଲୋଚନା କରାଯାଉଛି। ଦ୍ୱିତୀୟତଃ, ବ୍ୟବହୃତ ହେଉଥିବା ମାଟେରିଆଲସର ମାନ ଅତ୍ୟନ୍ତ ନିମ୍ନମାନର। ଗୁଣମାନହୀନ ବାଲି, ଖୋଟିଆ ପଥର ଓ ଅପରିପକ୍ୱ ସିମେଣ୍ଟ ବ୍ୟବହାର ହେଉଥିବାରୁ ପୋଲର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୃତୀୟତଃ, ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ "ମଧୁଚନ୍ଦ୍ରିକା' ସ୍ପଷ୍ଟ ପ୍ରତ୍ୟୟ ହେଉଥିବାର ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକଙ୍କ ମତାନୁସାରେ, ନିର୍ମାଣ କାର୍ଯ୍ୟରେ ନିୟମିତ ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ ହୋଇନାହିଁ। ଏହି ପରିପ୍ରେକ୍ଷୀରେ, ସାଧାରଣ ଜନତା ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ ଦାବି କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଯଦି ତଦନ୍ତ ହୁଏ, ତେବେ ଅନେକ ଅନିୟମିତତା ଓ ଦୁର୍ନୀତି ପ୍ରକାଶ ପାଇବ। ଏହି ପୋଲ ଓ ନାଳ ଉନ୍ନତିକରଣ କାମ, ଯାହା ଲୋକଙ୍କ ଯାତାୟାତ ଓ ଜୀବନ ଉନ୍ନତି ପାଇଁ ଅତ୍ୟନ୍ତ ଆବଶ୍ୟକ, ତାହାର ଗୁଣମାନ ଓ ପ୍ରକ୍ରିୟା ଉପରେ ଗୁରୁତର ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ଦାବି, "ସତ୍ୟ ତଦନ୍ତ' ହେଲେ ମାତ୍ର ଏହି ଅଭିଯୋଗର ସତ୍ୟତା ପ୍ରକାଶ ପାଇବ। ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ଯନ୍ତ୍ରୀ ସତ୍ୟବ୍ରତ ବେହେରାଙ୍କୁ ପଚାରିବାରୁ ସେ କହିଲେ ଖୁବ୍ ଶୀଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ପାନୀୟଜଳ ଯୋଗାଣରେ ସମସ୍ୟା

# କର୍ମଚାରୀ ଅଭାବ ଓ ଜଳସ୍ତର ହ୍ରାସ ସାଜିଛି ବଡ଼ ବାଧକ

ଦୋବଲ, ୬।୩(ସମିସ)

ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବା ପୂର୍ବରୁ ଧାମନଗର ବ୍ଲକର ୩୧ଟି ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଚିନ୍ତାର କାରଣ ପାଲଟିଛି। ବ୍ଲକରେ ୨୬୭୬ଟି ନଳକୂପ ଓ ୬୦ରୁ ଅଧିକ ସୌର ଜଳ ପ୍ରକଳ୍ପ ଥିଲେ ହେଁ, ରକ୍ଷଣାବେକ୍ଷଣ ଅଭାବରୁ ଅନେକ କାମରେ ଲାଗୁନି। ବସୁଧା ଯୋଜନାରେ ସବୁଆଡ଼େ ପାଇପ୍ ଯୋଗେ ପାଣି ପହଞ୍ଚାଇ ହୋଇନାହିଁ। ଏଣୁ ଅନେକ ଲୋକ ନଳକୂପ ଉପରେ ନିର୍ଭର କରୁଛନ୍ତି। ହେଲେ ବ୍ୟବସ୍ଥାଗତ ତ୍ରୁଟି ସମସ୍ୟା ସମାଧାନ ପରିବର୍ତ୍ତେ ସମସ୍ୟା ବଢାଇ ଦେଉଛି। ଗୋଟିଏ ପଟେ ପ୍ରକୃତିର ପ୍ରକୋପ ଓ ଅନ୍ୟପଟେ ବିଭାଗୀୟ କର୍ମଚାରୀଙ୍କ ଅଭାବ ଧାମନଗରବାସୀଙ୍କ ଶୋଷ ମେଣ୍ଟାଇବାରେ ବିଫଳ ହୋଇଛି। ୩୧ ପଞ୍ଚାୟତ ପାଇଁ ମାତ୍ର ୫ ଫିଟରଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗରେ କର୍ମଚାରୀଙ୍କ ସଂଖ୍ୟା ସାଂଘାତିକ ଭାବେ ହ୍ରାସ ପାଇଛି। ପୂର୍ବରୁ ବ୍ଲକ ପାଇଁ ୧୬ ଜଣ ଫିଟର ଓ ଖଲାସୀ ଥିବା ବେଳେ ଏବେ ସେଥିମଧ୍ୟରୁ ୧୧ ଜଣ ଅବସର ନେଇସାରିଛନ୍ତି। ବର୍ତ୍ତମାନ ମାତ୍ର ୫ ଜଣ କାର୍ଯ୍ୟ କରୁଥିବା ବେଳେ ଆସନ୍ତା ବର୍ଷ ଆଉ ୨ ଜଣ ଅବସର ନେବେ। ଜଣେ ଫିଟରଙ୍କୁ ୬ରୁ ୭ଟି ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି, ଯାହା ଫଳରେ ମରାମତି କାମ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ସ୍ଥାୟୀ କର୍ମଚାରୀ ନଥିବାରୁ ଅସ୍ଥାୟୀ 'ସେଲ୍ଫ ଏମ୍ପ୍ଲୟଡ ମେକାନିକ'ଙ୍କ ଭରସାରେ ବିଭାଗ ଚାଲିଛି। ବେଆଇନ ବାଲି ଉତ୍ତୋଳନ ସାଜିଛି କାଳବୈତରଣୀ ନଦୀ ଶଯ୍ୟାରୁ ଅବିରତ ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀ ଶୁଖିଯିବା ସହ ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଉଛି। ଏଠାରେ ୧୨୬ଟି ନଳକୂପ ଥିବା ବେଳେ ୭ ନମ୍ବର ୱାର୍ଡ, ମାନଲାପୁର ଓ ଉତେଇପୁର ଗ୍ରାମର କୂଅଗୁଡ଼ିକ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି। ୨୦୦୭ ମସିହା ପୂର୍ବରୁ ୩୦ ଫୁଟରେ ପାଣି ମିଳୁଥିବା ବେଳେ ଏବେ ସରକାରୀ ସ୍ତରରେ ୨୧୦ ଫୁଟ ଖୋଳିଲେ ବି ପାଣି ମିଳୁନାହିଁ। ଫଳରେ ଲୋକେ ବ୍ୟକ୍ତିଗତ ଭାବେ ୨୫୦ ଫୁଟରୁ ଅଧିକ ଗଭୀରକୁ ବୋରିଂ କରିବାକୁ ବାଧ୍ୟ ହେଉଛନ୍ତି। ନଳକୂପଗୁଡ଼ିକରେ ଲୌହ ଅଂଶ ଅଧିକ ରହୁଥିବାରୁ ଯନ୍ତ୍ରପାତି ଶୀଘ୍ର ଖରାପ ହେଉଛି। ବହୁଳ ବ୍ୟବହାର ଯୋଗୁଁ 'ୱାସର' କଟିଯାଉଛି ଏବଂ ପ୍ଲଞ୍ଜର ଛିଡ଼ିଯାଉଛି। ଏପରିକି ଚୋରି ଓ ଅସାମାଜିକ କାର୍ଯ୍ୟକଳାପ ଯୋଗୁଁ ହେଡ୍ କଭର ଚୋରି ହେବା ସହ ହ୍ୟାଣ୍ଡଲ ମଧ୍ୟ ନଷ୍ଟ ହେଉଛି। ନଳକୂପ ମରାମତି ପାଇଁ ଆବଶ୍ୟକ ଯନ୍ତ୍ରପାତି ବିଭାଗ ପାଖରେ ନରହି ପଞ୍ଚାୟତ ସରପଞ୍ଚଙ୍କ ଅଧୀନରେ ରହୁଛି। ଅନେକ ସମୟରେ ସରପଞ୍ଚମାନେ ଠିକ୍ ସମୟରେ ସରଞ୍ଜାମ ଯୋଗାଉ ନଥିବାରୁ ଅଚଳ ନଳକୂପ ସେମିତି ପଡ଼ି ରହୁଛି। ଅନ୍ୟପଟେ କିଛି ଫିଟର ଶାସକ ଦଳର ନେତାଙ୍କ ଛତ୍ରଛାୟା ତଳେ ରହି କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ବ୍ଲକର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସରକାର ନୂତନ ନୀତି ପ୍ରଣୟନ କରି 'ସେଲ୍ଫ ଏମ୍ପ୍ଲୟଡ ମେକାନିକ'ଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ସହ ଯନ୍ତ୍ରପାତି ସିଧାସଳଖ ବିଭାଗ ନିକଟରେ ରଖିବାକୁ ସାଧାରଣରେ ଦାବି ହେଉଛି।

## 'ରଙ୍ଗ ତୁମ ମନ୍ଦ ନୁହେଁ' ସାଳନ୍ଦୀ ସାହିତ୍ୟ ସଂଗମର ବସନ୍ତ ଆଳାପନ ଉତ୍ସବ




ତିହିଡି, ୬।୩(ସମିସ): ଭଦ୍ରକ ସାଳନ୍ଦୀ ସାହିତ୍ୟ ସଂଗମ ପକ୍ଷରୁ ତିହିଡ଼ି ବ୍ରିଗେଡ୍ ସୈନିକ ସ୍କୁଲ୍ ପରିସରରେ ସୋମବାର ସନ୍ଧ୍ୟାରେ ଏକ ବିଶେଷ "ବସନ୍ତ ଆଳାପନ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ରଙ୍ଗ ତୁମ ମନ୍ଦ ନୁହେଁ' ଶୀର୍ଷକ ଏହି ସାରସ୍ୱତ ସନ୍ଧ୍ୟାରେ ବସନ୍ତର ବର୍ଣ୍ଣାଢ୍ୟ ରୂପ ଓ ମାନବୀୟ ସମ୍ବେଦନା ଉପରେ ଆଲୋଚନା କରାଯାଇଥିଲା। ଟାଇମ୍ ପାସ୍‌ର ନିର୍ଦ୍ଦେଶକ କବି ସରୋଜ ବଳଙ୍କ ପୌରୋହିତ୍ୟରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବସନ୍ତ କେବଳ ପ୍ରକୃତିର ଋତୁ ନୁହେଁ, ବରଂ ଏହା ମଣିଷର ଅନ୍ତରରେ ସୃଜନଶୀଳତାର ନୂଆ ରଙ୍ଗ ଭରିଦିଏ ଓ ଏହି ରଙ୍ଗକୁ ଗ୍ରହଣ କରି ସାଳନ୍ଦୀ ସଂଗମରେ ବୁଡ଼ ପକାଇଲେ ମାଟିର ସାରସ୍ୱତ ସାଧନା ସାର୍ଥକ ହେବ ବୋଲି ସେ ଅଭିଭାଷଣରେ କହିଥିଲେ। ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ ଅତିଥି ଭାବେ ଯୋଗ ଦେଇ ବସନ୍ତର ଆଗମନୀ ସଂଗୀତରେ ମଣିଷ ନିଜର ଦୁଃଖ ଭୁଲି ସୁନ୍ଦର ସ୍ୱପ୍ନ ଦେଖିବାକୁ ଶିଖେ ଓ ସାହିତ୍ୟରେ ଏହି ଋତୁ ସର୍ବଦା ଆଶାର ବାର୍ତ୍ତା ବହନ କରି ଆସିଛି ବୋଲି ସେ ମତ ଦେଇଥିଲେ। ସାଳନ୍ଦୀ ସାହିତ୍ୟ ସଂଗମ ସଭାପତି ଗାଳ୍ପିକ ପାଣିଗ୍ରାହୀ ଅତିଥି ଆଲୋଚକ ଭାବେ ଯୋଗଦେଇ କହିଥିଲେ ଯେ ପ୍ରକୃତିର ପ୍ରତିଟି ରଙ୍ଗ ପଛରେ ଏକ ଦାର୍ଶନିକ ଅର୍ଥ ରହିଛି। ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଂଚ ର ଉପଦେଷ୍ଟା ଅଧ୍ୟାପକ ଡ.ବିଶ୍ୱରଂଜନ ଦାସ ବସନ୍ତର ଋତୁରେ ସାହିତ୍ୟ ଓ ସଂସ୍କୃତିର ମିଳନ ସମାଜକୁ ଏକ ବୌଦ୍ଧିକ ବାତାବରଣ ପ୍ରଦାନ କରିଥାଏ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ମାନବୀୟ ଅନ୍ତଃସ୍ଥଳର ଗଭୀରତା ସମ୍ମିଶ୍ରିତ ହେଲେ ସୃଜନଶୀଳତାର ପରିପ୍ରକାଶ ଘଟେ ବୋଲି କହିଥିଲେ। ସମାଜସେବୀ ଶଚୀକାନ୍ତ ନାୟକ ତାଙ୍କ ବକ୍ତବ୍ୟରେ ଶ୍ରୀକୃଷ୍ଣଙ୍କ ମୂରଲୀର ମିଠା ସ୍ୱର୍ଶ ମଣିଷକୁ ନିଜ ଭିତରକୁ ଫେରିଯିବା ପାଇଁ ପ୍ରେରଣା ଦିଏ ବୋଲି କହିଥିଲେ। ଗାଳ୍ପିକ କୈଳାସ ବେହେରା ସ୍ୱାଗତ ଭାଷଣ ଓ ସାହିତ୍ୟିକ ବିଶ୍ୱଜିତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ସଞ୍ଜିତ୍ ବଳ, ରଘୁନାଥ ପାତ୍ର, ବିଶ୍ୱମୈତ୍ରୀ ନାୟକ, ପି ହୃଷୀକେଶ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ,ଅଶୁତୋଷ କରଣ,ବସନ୍ତ କୁମାର ଦାସ,କବିଶ୍ରୀ ଗୋଲକ ପ୍ରସାଦ ବୈୟାରୀ, ଜ୍ଞାନରଞ୍ଜନ ନାୟକ, ନିର୍ମଳଚନ୍ଦ୍ର ଦଳେଇ, ସୁବ୍ରତ ମିଶ୍ର, ସଂଗ୍ରାମକେଶରୀ ସେନାପତି, ମୁକୁନ୍ଦଦେବ ନାୟକ, ମାମି ପାତ୍ର, ଆଇନଜୀବୀ ନୀଳମାଧବ ସେନାପତି, ରୁବିଲତା ଦାସ, ହରିହର ନାୟକ, ସାମ୍ବାଦିକ ଯଯାତି କେଶରୀ ଦାସ,ସାବିତ୍ରୀ ବାନାର୍ଜୀ ବକ୍ତବ୍ୟ ଓ କବିତାପାଠ କରିଥିଲେ। ସୈନିକ ସ୍କୁଲର ଅଧକ୍ଷ କବି ବିସ୍ମୟବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାନ୍ତିଶୃଙ୍ଖଳାର ସହ ସରିଲା କୋରୁଆ ମେଳଣ



ଅସୁରାଳି, ୬।୩(ସମିସ): ଧାମନଗର ଅଞ୍ଚଳରେ ଆୟୋଜିତ କୋରୁଆ ମେଳଣ ଏବେ ୩୨ ବର୍ଷର ଦୀର୍ଘ ପରମ୍ପରାକୁ ଅବିରତ ଜାରି ରଖିଛି। ସ୍ୱର୍ଗତ ଧନୀ ବାରିକଙ୍କ ପ୍ରୟାସରେ ଆରମ୍ଭ ହୋଇଥିବା ଏହି ମେଳଣ, ଆଜି ସ୍ଥାନୀୟ ସାମାଜିକ ଓ ଧାର୍ମିକ ଜୀବନର ଏକ ଅବିଭାଜ୍ୟ ଅଂଶରେ ପରିଣତ ହୋଇଛି। ଏବେର କମିଟି ସଭାପତି ଦିବାକର ବେହେରା, ସମ୍ପାଦକ ତ୍ରିଲୋଚନ ଦାସ ଓ ସଦସ୍ୟ-ଆକୁଳ ଚରଣ ଦାସ, ରମାକାନ୍ତ ମହାକୁଡ, ପ୍ରଶାନ୍ତ ମହାକୁଡ, ଆନନ୍ଦ ବାରିକ, ପରମାନନ୍ଦ ବାରିକ, ଅଧର ନାୟକ, ସୁକାନ୍ତ ନାୟକ, ଅର୍ଜୁନ ବେହେରା, ରଶ୍ମିରଞ୍ଜନ ମହାକୁଡ, ଅଞ୍ଜନା ମହାକୁଡ, ସଙ୍କର୍ଷଣ ଦାସ, କୁଳମଣି ସାମଲ, ସଂଜୀବ ସାହୁ ପ୍ରମୁଖଙ୍କ ସମ୍ମିଳିତ ପ୍ରୟାସରେ ଏହି ମେଳଣକୁ ସଫଳ କରିଛନ୍ତି। ଏହି ବର୍ଷର ମେଳଣରେ ୭ଟି ବିମାନ (ରଥ/ପାଲକୀ) ଦେଖିବାକୁ ମିଳିଥିଲା। ଭକ୍ତ ଓ ଭଗବାନଙ୍କ ମିଳନର ଏହି ଦୃଶ୍ୟକୁ ଦେଖିବା ପାଇଁ ଅନେକ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ। ରଙ୍ଗବେରଙ୍ଗର ଆଲୋକମାଳା, ଆତସବାଜିର ଧ୍ୱନି ଓ ଭକ୍ତିମୟ ସଙ୍ଗୀତରେ ସମଗ୍ର ମେଳଣ ପଡିଆ ପ୍ରକମ୍ପିତ ହୋଇଥିଲା। କୋରୁଆ ମେଳଣ କେବଳ ଧାର୍ମିକ ଉତ୍ସବ ନୁହେଁ, ଏହା ଗ୍ରାମୀଣ ସାମାଜିକ ସମ୍ମିଳନର ଏକ ପ୍ରତୀକ। ୩୨ ବର୍ଷର ଏହି ପରମ୍ପରା, ଭକ୍ତି, ଏକତା ଓ ସାମୁଦାୟିକ ସହଭାଗିତାର ଅବିରତ ପ୍ରବାହକୁ ପ୍ରକାଶ କରୁଛି।

## ଲକ୍ଷ୍ୟଠାରୁ ଦୂରରେ ଉପଖଣ୍ଡ କୃଷି କାର୍ଯ୍ୟାଳୟ

ବାରିକପୁର, ୬।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଛକ ନିକଟସ୍ଥ ମୋହୁରାଠାରେ ଥିବା କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟ ବିଗତ କିଛି ବର୍ଷ ଭିତରେ ସ୍ଥାଣୁ ପାଲଟିଛି। ଯେଉଁ ଲକ୍ଷ୍ୟ ନେଇ ଏଠାରେ କାର୍ଯ୍ୟାଳୟ ସ୍ଥାପନ ହୋଇଥିଲା ତାହା ଏଯାଏଁ ପୂରଣ ହୋଇନଥିବା ଜଣାପଡ଼ିଛି। ଏହି ଉପଖଣ୍ଡସ୍ତରୀୟ କାର୍ଯ୍ୟାଳୟ



ଅଧୀନରେ ବନ୍ତ, ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକର କ୍ଷେତ୍ରୀୟ କୃଷି କାର୍ଯ୍ୟାଳୟ ରହିଛି। ତିନୋଟି ବ୍ଲକର କୃଷି କର୍ମଚାରୀ, କୃଷି କ୍ଷେତ୍ର ଓ କୃଷକଙ୍କ ସମସ୍ୟା ସମାଧାନ ତଥା ଆଧୁନିକ କୃଷି ସକାଶେ ବିହନ ଉତ୍ପାଦନ ପାଇଁ ଆଠ ଦଶ ବର୍ଷ ପୂର୍ବରୁ ଏଠାରେ ଉପଖଣ୍ଡ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଇତିମଧ୍ୟରେ କେହି ନିୟମିତ ଅଧିକାରୀ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରିଥିବା ଦେଖା ଯାଇନାହିଁ। କେଉଁ ଅଧିକାରୀ ଛ ମାସତ ପୁଣି କିଏ ସର୍ବାଧିକ ଏକବର୍ଷ ରହି ଅନ୍ୟତ୍ର ବଦଳି ହୋଇଛନ୍ତି କିମ୍ବା ଅବସର ନେଇଛନ୍ତି। ଅନେକ ସମୟରେ ଭାରପ୍ରାପ୍ତ ଅଧିକାରୀଙ୍କ ଦାୟିତ୍ୱରେ କାର୍ଯ୍ୟାଳୟ ରହିଛି। ମୋଟ ଜଣେ ୨ ଜଣ କିରାଣି ଓ କର୍ମଚାରୀଙ୍କ ଦ୍ୱାରା କେବଳ ଖାତା ଖତିୟାନ ଦେଖାରେ କାର୍ଯ୍ୟାଳୟ ଯଥେକଷ୍ଟେ ଚାଲିଥାଏ। ଅନେକ ସମୟରେ କାର୍ଯ୍ୟାଳୟ ଖାଁ ଖାଁ ଦେଖା ଯାଉଛି। ଏପରି ସ୍ଥଳେ ବିଭିନ୍ନ ଅଞ୍ଚଳରେ ଗୁରୁତର ଚାଷ ସମସ୍ୟା ଦେଖାଦେଲେ ଉପଖଣ୍ଡ କାର୍ଯ୍ୟାଳୟଅଧିକାରୀଙ୍କ ଦେଖା ମିଳେନାହିଁ। ଏପରିକି ଅନେକ ଚାଷୀ ସଚେତନତା ଶିବିରରେ ମଧ୍ୟ ଅଧିକାରୀମାନେ ଅନୁପସ୍ଥିତ ରହିଥିବା ଦେଖା ଯାଇଛି। କୃଷିଜାତ ଉନ୍ନତ ମାନର ବିହନ ପାଇଁ କାର୍ଯ୍ୟାଳୟକୁ ଲାଗି ରହିଥିବା ଏକର ଏକର ଜମିରେ ନା କୌଣସି ଆଧୁନିକ ଜ୍ଞାନ କୌଶଳରେ ଚାଷ ହେଉଛି ନା ଗ୍ରାମାଞ୍ଚଳରେ ଦେଖା ଦେଉଥିବା ଚାଷ କ୍ଷେତ୍ର ଓ କୃଷକ ସମସ୍ୟାର ସମାଧାନ ହେଉଛି। ଦିନକୁ ଦିନ ଧାନ ଚାଷରେ କୀଟ ପୋକଠାରୁ ଆରମ୍ଭ କରି ଅନ୍ୟାନ୍ୟ ଗୁରୁତର ସମସ୍ୟା ଦେଖା ଦେଉଥିବା ବେଳେ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଏହା ଉପରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଯାହାକି ହଜାର ହଜାର ଚାଷୀଙ୍କୁ ବ୍ୟଥିତ କରୁଛି। କେବଳ ସାର ଓ କୀଟନାଶକ ଔଷଧ ବିକ୍ରେତାଙ୍କୁ ସ୍ୱୀକୃତି ପତ୍ର ପ୍ରଦାନରେ କାର୍ଯ୍ୟାଳୟର କାମ ସୀମିତ ରହୁଥିବା ଦେଖାଯାଇଛି। ଏହାଛଡା ବର୍ଷରେ ଥରେ ଅଧେ ହାତଗଣତି ପରିଚିତ ଚାଷୀଙ୍କୁ ନେଇ ବୈଠକ କରି ଅଧିକାରୀ ଓ କାର୍ଯ୍ୟାଳୟ ପରିଚାଳନା କରୁଥିବା କର୍ମଚାରୀମାନେ ନିଜ ଦାୟିତ୍ୱରୁ ଓହରି ଯାଉଛନ୍ତି। ଏନେଇ ମୁଖ୍ୟ ଅଧିକାରିଣୀଙ୍କ ମତାମତ ନେବାରୁ ସେ ଅତିରିକ୍ତ ଦାୟିତ୍ୱରେ ରହିଥିବା ବେଳେ ଯଥା ସମ୍ଭବ କ୍ଷେତ୍ର ପରିଦର୍ଶନ କରୁଥିବା କହିଛନ୍ତି। ଏହା ଉପରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ବାରିକପୁର, ୬।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ନୂଆପୋଖରୀ ମଠ ରେ ଅଷ୍ଟାଦଶତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ଗୋବିନ୍ଦ ବାବାଙ୍କ ତତ୍ତ୍ୱାବଧାନରେ ପୀଠରେ ଅଙ୍କୁରା ରୋପଣ ଓ ଶୁଭାଧିବାସ ଅନୁଷ୍ଠିତ ହୋଇଥିଲା। ରାଢୋ ହନୁମାନ ପୋଖରୀରୁ କଳସ ଶୋଭାଯାତ୍ରା ବାହାରି ପୀଠରେ ପହଞ୍ଚିଲା ପରେ ସୂର୍ଯ୍ୟ ପୂଜା ସହିତ ଗୋ ପୂଜା ଓ ଯଜ୍ଞ ଆରମ୍ଭ ହୋଇଥିଲା। ନୂଆ ପୋଖରୀ ସମେତ ବୋଧପଡ଼ା, ବେଲଗଡ଼ିଆ, ହାଜିପୁର, କଟରାଗଡିଆ ପ୍ରମୁଖ ଗ୍ରାମର ସହ ସହ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ। କଥାକାର ଅମୃତା ନନ୍ଦ ମହାରାଜଙ୍କ ଦ୍ୱାରା ଦୁଇ ଦିନ ଧରି ପ୍ରବଚନ ତଥା ସତ୍ ସଙ୍ଗ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରକ୍ତ ଦାନ ଶିବିର ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆୟୋଜିତ ଉତ୍ସବକୁ ରାଧାକୃଷ୍ଣ କମିଟି ସଦସ୍ୟ ମାନେ ପରିଚାଳନା କରିଥିଲେ।

## ୩୦ତମ ଟିଲୋ କପ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ

ବନ୍ତ/ଆଗରପଡ଼ା,୬।୩(ସମିସ)



ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମ୍‌ରେ ଟିଲୋ ଆଥେଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ୩୦ତମ ଅନ୍ତର୍ଜାତୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ଲାଇଟନିଂ ଲିଜେଣ୍ଡ, ଜେପିସ୍ପୋର୍ଟସ, ନୋଏଡ଼ାକୁ ୭ ରନ୍‌ରେ ପରାସ୍ତ କରି ବିଜୟୀ ହୋଇଛି। ଟସ୍ ଜିତି ଜେପି ସ୍ପୋର୍ଟସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଲାଇଟନିଂ ଲିଜେଣ୍ଡ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୯ ଓଭର ଓ ୨ଟି ବଲରେ ସମସ୍ତ ୱିକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରମଣ ବିଷ୍ଣୋଇ ୨୧ ବଲରୁ ୩୦ ରନ, ଅଙ୍କିତ ନରୱାଲ ୩୩ ବଲରୁ ୨୫ରନ ଏବଂ ସାହିଲ ଚୋପ୍ରା ୧୬ବଲରୁ ୨୫ ରନ୍ ସଂଗ୍ରହ କରିଥିଲେ। ଜେପି ସ୍ପୋର୍ଟସ,ନୋଏଡ଼ା ପକ୍ଷରୁ ସୁନ୍ଦରମ ୪ଓଭର ବୋଲିଙ୍ଗ କରି ୧୧ ରନ ବିନିମୟରେ ୪ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଜେପି ସ୍ପୋର୍ଟସ, ନୋଏଡ଼ା ୧୮ ଓଭର ଓ ୪ଟି ବଲରେ ସମସ୍ତ ୱିକେଟ ହରାଇ ୧୩୦ ରନ ସଂଗ୍ରହ କରି ଶେଷରେ ୭ରନ୍‌ରେ ପରାସ୍ତ ହୋଇଥିଲେ। ଲାଇଟନିଂ ଲିଜେଣ୍ଡ ପକ୍ଷରୁ ୯ ଜଣ ଖେଳାଳି ବୋଲିଂ କରିଥିଲେ। ଲାଇଟନିଂ ଲିଜେଣ୍ଡର ଅଙ୍କିତ ନରୱାଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଓସିଏ ପ୍ୟାନେଲ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ବିଭୂପ୍ରସାଦ ମିଶ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ରସିଦ୍ ଉଲ୍ ଓହିଦ ଓ ପୂର୍ଣ୍ଣେନ୍ଦୁ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଦାୟିତ୍ୱ ସୋ÷ରଜିତ୍ ସାହୁ, ପ୍ରକାଶ ସ୍ୱାଇଁ ଓ ମଳୟ ପ୍ରମୁଖ ନିର୍ବାହ କରିଥିଲେ। ଅତିଥି ଭାବେ ଦେବବ୍ରତ ମହାପାତ୍ର, ମନୋରଞ୍ଜନ ଘଡ଼େଇ, ଶ୍ରଦ୍ଧା ସୁମନ ନାଥ, ସଂଗ୍ରାମ କେଶରୀ ଜେନା, ପରମେଶ୍ୱର ବାରିକ, ନିହାରିକା ରାଉତ, ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ମରାମତି ହେଲା ଆବର୍ଜନା ପୃଥକୀକରଣ କେନ୍ଦ୍ର

ଦୋଳସାହି,୬।୩(ସମିସ): ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ଆବର୍ଜନା ପୃଥକୀକରଣ କେନ୍ଦ୍ର ନିର୍ମାଣର କିଛି ଦିନ ପରେ ଭୁଶୁଡି ପଡିଥିବା ନେଇ ଦୈନିକ "ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଏହାର




ମରାମତି କରାଯିବା ନେଇ ସାଧାରଣରେ ଖୁସି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତର ଇଶାଣପୁର ଗାଁରେ ସରକାରଙ୍କ ପକ୍ଷରୁ ଏକ ଆବର୍ଜନା ପୃଥକୀ କରଣ କେନ୍ଦ୍ର ନିର୍ମାଣ ହୋଇଥିଲା। ନିର୍ମାଣର କିଛି ଦିନ ପରେ ଏହି ଆବର୍ଜନା ପୃଥକୀକରଣ କେନ୍ଦ୍ର ଭୁଶୁଡି ପଡିଥିଲା। ଖବର ପ୍ରକାଶ ପାଇବା ପରେ ଏହି ଆବର୍ଜନା ପୃଥକୀକରଣ କେନ୍ଦ୍ରର ମରାମତି କରାଯାଇଛି।

